# ପାରିଭାଷିକ ଶବ୍ଦ

ସ୍ୱତନ୍ତ୍ର ଅର୍ଥ ପ୍ରକାଶ କରିବା ଉଦ୍ଦେଶ୍ୟରେ ଏବଂ ସୂତ୍ରମାନଙ୍କର ସଂକ୍ଷେପୀକରଣ ନିମନ୍ତେ ବ୍ୟାକରଣରେ ଅନେକ ପାରିଭାଷିକ ଶବ୍ଦର ବ୍ୟବହାର ଦେଖାଯାଏ । ସେହି ପାରିଭାଷିକ ଶବ୍ଦ ବା ସଂଜ୍ଞାଗୁଡ଼ିକର ନିର୍ମାଣ ସେମାନଙ୍କର ଗଠନ ବା ପ୍ରୟୋଗ ବା ଅର୍ଥକୁ ଆଧାର କରି କରାଯାଇଥାଏ । ଯେଉଁ ସଂଜ୍ଞାପଦଗୁଡ଼ିକ ନିଜ ନିଜର ଅର୍ଥ ପ୍ରକାଶ କରିବାକୁ ସମର୍ଥ ସେଗୁଡ଼ିକ ଅକୃତ୍ରିମ ବା ଅନ୍ୱର୍ଥ ସଂଜ୍ଞା । ଯଥା- କାରକ ଏହାର ଅର୍ଥ ସହଜରେ ବୁଝିହେଉଛି । ଅନ୍ୟ କେତେକ କୃତ୍ରିମ । ଯଥା- ଟି ଏବଂ ତଦ୍‌ଭିନ୍ନ କେତେକ ସଂଜ୍ଞା ଭାଷାନିରପେକ୍ଷ, ଯଥା - 'ଗୁଣ' ଏହା ସହଜରେ ବୁଝି ହୁଏ ନାହିଁ । ତେଣୁ ଏଗୁଡ଼ିକ ବୁଝିବା ଆବଶ୍ୟକ । ଆରମ୍ଭରୁ କେତୋଟି ପାରିଭାଷିକ ଶବ୍ଦ ସହ ପରିଚୟ ରହିଲେ ବ୍ୟାକରଣ ଅଧ୍ୟୟନ ସୁଗମ ହେବ ।

୧ । **ଅକଥିତ :** ଏହା ଏକ ପ୍ରକାର କର୍ମର ସଂଜ୍ଞା । ଦ୍ୱିକର୍ମକ ଧାତୁମାନଙ୍କର ଗୌଣକର୍ମକୁ ଅକଥିତ କର୍ମ କୁହାଯାଇପାରେ । ଉଦାହରଣ- ଗାଂ ପୟଃ ଦୋଗ୍ଧି । ଏଠାରେ 'ଗାଂ' ୨ୟା ବିଭକ୍ତି ଗୌଣ କର୍ମ, ପୟଃ ୨ୟା ବିଭକ୍ତି ମୁଖ୍ୟ କର୍ମ । ଗୋଃ (ଗାଈଠାରୁ) ବଦଳରେ ଗାଂ (ଗାଈକୁ) ୨ୟା ବିଭକ୍ତିର ପ୍ରୟୋଗ ବିଶେଷ ନିୟମ (ଅକଥିତ) ଅନୁସାରେ ହୋଇଅଛି ।

୨ । **ଅକର୍ମକ :** ଯେଉଁ କ୍ରିୟାର ଫଳ ଓ ବ୍ୟାପାର ଉଭୟ, ଗୋଟିଏକୁ ଆଶ୍ରୟ କରି ରହିଥାଏ ତାହାକୁ ଅକର୍ମକ ଧାତୁ କୁହାଯାଏ । ଯଥା:- ବାଳକଃ କ୍ରୀଡ଼ତି । ଏଠାରେ କ୍ରୀଡ଼୍ ଧାତୁ ଅକର୍ମକ ।

୩ । **ଅଚ୍ :** ପ୍ରଥମ ମାହେଶ୍ୱର ସୂତ୍ରର ପ୍ରଥମ ବର୍ଣ୍ଣ 'ଅ' ଏବଂ ଚତୁର୍ଥ ମାହେଶ୍ୱର ସୂତ୍ରର ଅନ୍ତିମ 'ଚ୍' କୁ ନେଇ 'ଅଚ୍' ଗଠିତ । ଅଇଉଣ୍ । ଋ ଌ କ୍ । ଏ ଓ ଙ୍ । ଐ ଔ ଚ୍ । ଅର୍ଥାତ୍ 'ଅ' ଠାରୁ 'ଚ୍' ପର୍ଯ୍ୟନ୍ତ । ଏହା ସ୍ୱରବର୍ଣ୍ଣର ବାଚକ ବା ଅନ୍ୟ ନାମ । ଏଣୁ ସ୍ୱର ସନ୍ଧି, ସ୍ୱରାନ୍ତ ଧାତୁ ଓ ସ୍ୱରାନ୍ତ ଶବ୍ଦକୁ ଅଚ୍ ସନ୍ଧି, ଅଜନ୍ତ ଧାତୁ ଓ ଅଜନ୍ତ ଶବ୍ଦ କୁହାଯାଏ ।

୪ । **ଅତ୍ୟନ୍ତ ସଂଯୋଗ :** କାଳ ଓ ମାର୍ଗର ବ୍ୟବଧାନ ରହିତ ଅବିଚ୍ଛିନ୍ନ ଅବସ୍ଥାକୁ ଅତ୍ୟନ୍ତ ସଂଯୋଗ କୁହାଯାଏ । ଉଦାହରଣ - ମାସଂ ପଠତି । (ମାସେ ବ୍ୟାପି ପଢୁଛି କୌଣସି ଦିନ ବନ୍ଦ କରିନାହିଁ ।)

୫ । **ଅଧିକରଣ :** କର୍ତ୍ତା ବା କର୍ମ ସହିତ ସମ୍ବନ୍ଧିତ କ୍ରିୟାର ଆଧାରକୁ ଅଧିକରଣ କୁହାଯାଏ । ଅଧିକରଣଠାରେ ସପ୍ତମୀବିଭକ୍ତିର ପ୍ରୟୋଗ ହୋଇଥାଏ ।

୬ । **ଅନଭିହିତ :** ସାଧାରଣତଃ ତିଙନ୍ତ, କୃଦନ୍ତ, ତଦ୍ଧିତ ଓ ସମସ୍ତପଦ ଦ୍ୱାରା କର୍ତ୍ତା, କର୍ମ ପ୍ରଭୃତି ଉକ୍ତ ହୋଇଥାନ୍ତି ଓ ସେମାନଙ୍କର ପ୍ରଥମା ବିଭକ୍ତିରେ ପ୍ରୟୋଗ ହୁଏ । ଏହା ବ୍ୟତୀତ ଅନ୍ୟ କାରକ ଓ ବିଭକ୍ତିରେ ଏହି ଅନଭିହିତ ବା ଅନୁକ୍ତ ପ୍ରୟୋଗ ହୁଏ ।

୭ । **ଅନୁନାସିକ :** ଯେଉଁ ବର୍ଣ୍ଣର ଉଚ୍ଚାରଣ ମୁଖ ଓ ନାସିକାର ମିଳିତ ସହାୟତାରେ ସଂଘଟିତ ହୁଏ ତାହାକୁ ଅନୁନାସିକ କହନ୍ତି ।

୮ । **ଆଗମ :** କୌଣସି ଶବ୍ଦ ବା ଧାତୁ ଅନ୍ତର୍ଗତ ବର୍ଣ୍ଣ ସମୀପରେ ଅନ୍ୟ ଅତିରିକ୍ତ ବର୍ଣ୍ଣର ଆଗମନକୁ ଆଗମ କହନ୍ତି । ଯଥା :- ସମ୍ + $\sqrt{}$କୃ + କ୍ତ(ତ) = ସମ୍ + ସ୍ (ଆଗମ) + $\sqrt{}$କୃ + କ୍ତ(ତ) = ସଂସ୍କୃତ । ବନସ୍ପତି (ସ୍) । ଏଠାରେ ବନ + ପତି = ସନ୍ଧି ନିୟମ ଅନୁସାରେ ନ ପରେ ସ୍ ଆଗମ ହୋଇ ବନସ୍ପତି ହୋଇଛି ।

୯ । **ଆତ୍ମନେପଦ :** ଯେଉଁ କ୍ରିୟା ବା ଧାତୁର ଫଳ କର୍ତ୍ତା ନିଜେ ଭୋଗକରେ ତାହାକୁ ଆତ୍ମନେପଦ ଧାତୁ କହନ୍ତି । ଯଥା- ରାମଃ ଧନଂ ଲଭତେ । (ଫଳ କର୍ତ୍ତୃଗାମୀ ହେଲେ ଧାତୁ ଆତ୍ମନେପଦୀ ହୁଏ । ମାତ୍ର ଏହି ନିୟମ ଅନିତ୍ୟ । ଯଥାର୍ଥ ବିଚାର ଲାଗି ୧ ।୩ ।୧୨ ଠାରୁ ୧ ।୩ ।୭୬ ପର୍ଯ୍ୟନ୍ତ ଥିବା ଅଷ୍ଟାଧ୍ୟାୟୀ ସୂତ୍ର ଦ୍ରଷ୍ଟବ୍ୟ ।)

୧୦ । **ଆଦେଶ :** ପ୍ରକ୍ରିୟାରେ କୌଣସି ବର୍ଣ୍ଣକୁ ହଟାଇ ତା ସ୍ଥାନରେ ଅନ୍ୟ ବର୍ଣ୍ଣର ସ୍ଥାପନକୁ ଆଦେଶ କୁହାଯାଏ । ଯଥା- ଦଧି + ଅତ୍ର = ଦଧ୍ୟତ୍ର ( ଇ ସ୍ଥାନରେ ଯ ହେବା) । 'ସ୍ଥା' ଧାତୁର ତିଷ୍ଠ ଓ ଦୃଶ୍ ଧାତୁରୁ ପଶ୍ୟ ଆଦେଶ ହୁଏ ।

୧୧ । **ଉପପଦ ବିଭକ୍ତି :** କେତେକ ପଦର ପ୍ରୟୋଗକୁ କେନ୍ଦ୍ର କରି ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବିଭକ୍ତିର ପ୍ରୟୋଗ ହୁଏ ସେହି ବିଭକ୍ତିକୁ ସେତେବେଳେ ଉପପଦ ବିଭକ୍ତି କୁହାଯାଏ । ଯଥା- ଇନ୍ଦ୍ରାୟ ପୁଷ୍ପାଣି ବଷଟ୍, ବଷଟ୍ ଶବ୍ଦଯୋଗରେ 'ଇନ୍ଦ୍ରାୟ' ୪ର୍ଥୀ ବିଭକ୍ତି । ଧାତୁ ବା କାରକ ବ୍ୟତୀତ ଅନ୍ୟ ଶବ୍ଦ ଯୋଗରେ ଯେଉଁ ବିଭକ୍ତି ବିଧାନ ହୁଏ, ତାହାକୁ ଉପପଦ ବିଭକ୍ତି କହନ୍ତି । ଯଥା- ନମଃ ଶିବାୟ, ଧନଂ ବିନା ସୁଖଂ ନାସ୍ତି ।

୧୨ । **ଉପସର୍ଗ :** ଧାତୁ ପୂର୍ବରୁ ଏବଂ ବିଶେଷ ଅର୍ଥରେ ବ୍ୟବହୃତ ହେଉଥିବା କେତେକ ଅବ୍ୟୟ ପଦକୁ ଉପସର୍ଗ କହନ୍ତି । ଯଥା- ପ୍ର, ପରା, ଅପ, ସମ୍, ଅନୁ, ଅବ, ନିସ୍, ନିର୍, ଦୁସ୍, ଦୁର୍, ଅଭି, ବି, ଅଧି, ସୁ, ଉଦ୍, ଅତି, ନି, ପ୍ରତି, ପରି, ଅପି, ଉପ, ଆ (ଆଙ୍) । ଉଦାହରଣ- ଅନୁଗଚ୍ଛତି, ପ୍ରଭବତି, ପୁତ୍ରଃ ପିତୁଃ ପ୍ରତି ।

୧୩ । **କର୍ମପ୍ରବଚନୀୟ :** ଏଠାରେ କର୍ମ ଶବ୍ଦର ଅର୍ଥ କ୍ରିୟା । ଯେଉଁ ଉପସର୍ଗଗୁଡ଼ିକ ସ୍ଥଳବିଶେଷରେ କ୍ରିୟାକୁ ପ୍ରକାଶ ନ କରି ବିଶେଷ୍ୟ ପଦକୁ ନିୟନ୍ତ୍ରିତ କରିଥାନ୍ତି ସେଗୁଡ଼ିକ କର୍ମପ୍ରବଚନୀୟ । ନରାଃ ଦେବାନ୍ ଅନୁ ।

୧୪ । **ଗଣ :** ଯେଉଁ ଯେଉଁ ଶବ୍ଦ ବା ଧାତୁଙ୍କର ସମାନ ବ୍ୟାକରଣଗତ କାର୍ଯ୍ୟ ହୁଏ ସେମାନଙ୍କୁ ଗୋଟିଏ ଗୋଟିଏ ସ୍ଥାନରେ ଏକତ୍ରକରି ରଖାଯାଇଥାଏ । ଯଥା :- 'ସର୍ବ' ଶବ୍ଦକୁ ଆଦି କରି ସର୍ବାଦିଗଣ ଓ $\sqrt{}$ଭୂ କୁ ଆଦିକରି ଭ୍ୱାଦିଗଣ ଗଠିତ ।

୧୫ । **ଗୁଣ :** ଅକାର (ଅର୍), ଏକାର ଏବଂ ଓକାରକୁ ଗୁଣ କହନ୍ତି । ସ୍ୱରର ଗୁଣ ହୁଏ କହିଲେ ଇ, ଈ ସ୍ଥାନରେ ଏ, ଉ-ଊ ସ୍ଥାନରେ ଓ, ଋ-ୠ ସ୍ଥାନରେ ଅର୍ ଏବଂ ଌ ସ୍ଥାନରେ ଅଲ୍ ହେବାକୁ ବୁଝାଏ । ଯଥା :- ଦେବ + ଋଷିଃ = ଦେବର୍ଷିଃ । ଏଠାରେ 'ଋ'ର 'ଅର୍' ଗୁଣ ହୋଇଛି । ବିଦ୍ + ଘଞ୍ = ବେଦଃ । ଏଠାରେ ବିଦ୍ 'ଇ' କାରର 'ଏ'କାର ଗୁଣ ହୋଇଛି । ଚୁର୍ + ଣିଚ୍ = ଚୋରୟତି । ଏଠାରେ ଚୁର୍ 'ଉ' କାରର 'ଓ' କାର ଗୁଣ ହୋଇଛି ।

୧୬ । **ଗୁରୁ :** ସଂଯୁକ୍ତ ବର୍ଣ୍ଣର ପୂର୍ବବର୍ତ୍ତୀ ହ୍ରସ୍ୱବର୍ଣ୍ଣ, ଦୀର୍ଘସ୍ୱର, ଦୀର୍ଘସ୍ୱରଯୁକ୍ତ ବର୍ଣ୍ଣ, ଅନୁସ୍ୱାରଯୁକ୍ତ ଓ ବିସର୍ଗଯୁକ୍ତ ବର୍ଣ୍ଣ ଗୁରୁ ସଂଜ୍ଞକ ।

**୧୭ । ଟି :** ଶବ୍ଦର ଅନ୍ତ୍ୟସ୍ୱରକୁ 'ଟି' କହନ୍ତି । ତା'ପରେ ବ୍ୟଞ୍ଜନ ଥିଲେ, ଅନ୍ତ୍ୟସ୍ୱର ଓ ବ୍ୟଞ୍ଜନ ମିଶି 'ଟି' ବୋଲାନ୍ତି । ଯଥା :- ରାଜନ୍ ଶବ୍ଦର (ର୍ + ଆ + ଜ୍ + ଅ + ନ୍) ଅନ୍ତ୍ୟସ୍ୱର ଅ ଏବଂ ତତ୍ପରବର୍ତ୍ତୀ ନ୍ ଅର୍ଥାତ୍ 'ରାଜନ୍' ର 'ଅନ୍' ଅଂଶଟି ହେଉଛି 'ଟି' । କିନ୍ତୁ 'ରାମ' ଶବ୍ଦରେ ଅନ୍ତ୍ୟସ୍ୱର (ର + ଆ + ମ୍ + ଅ) 'ଅ' ହେଉଛି 'ଟି' ।

**୧୮ । ତଦ୍ଧିତ :** ପ୍ରାତିପଦିକରେ ଯୁକ୍ତ ହୋଇ ନୂତନ ଶବ୍ଦ ସୃଷ୍ଟି କରୁଥିବା ଅ, ଇ, ତା ପ୍ରଭୃତି ପ୍ରତ୍ୟୟ ଗୁଡ଼ିକୁ ତଦ୍ଧିତ ପ୍ରତ୍ୟୟ କୁହାଯାଏ । ଯଥା :- ଦଶରଥ + ଇ = ଦାଶରଥିଃ ।

**୧୯ । ତିଙ୍ :** ଯେଉଁ ପ୍ରତ୍ୟୟ ଗୁଡ଼ିକ ମୂଳଧାତୁ ସହ ଯୁକ୍ତହୋଇ ସିଧାସଳଖ କ୍ରିୟାପଦ ନିର୍ମାଣ କରିଥାନ୍ତି ସେମାନଙ୍କୁ ସଂକ୍ଷେପରେ ତିଙ୍ ବୋଲି କୁହାଯାଏ । ଅଷ୍ଟାଧ୍ୟାୟୀର ୩।୪।୭୮ ସୂତ୍ରର ପ୍ରଥମ ଓ ଅନ୍ତିମ ବର୍ଣ୍ଣକୁ ନେଇ ତିଙ୍ ପ୍ରତ୍ୟାହାର ଗଠିତ ଏବଂ ଏଥିରେ ଥିବା ମୋଟ୍ ୧୮ଟି ପ୍ରତ୍ୟୟ ମଧ୍ୟରୁ ପ୍ରଥମ ୯ଟି ପରସ୍ମୈପଦୀ ଓ ଶେଷ ୯ଟି ଆତ୍ମନେପଦୀ ଧାତୁରେ ଲାଗିଥାନ୍ତି ।

**୨୦ । କୃତ୍ :** ଧାତୁ ସହ ଯୁକ୍ତହୋଇ ସଂଜ୍ଞାପଦ, ବିଶେଷଣପଦ, ଅବ୍ୟୟପଦ ନିର୍ମାଣ କରୁଥିବା ତିଙ୍ଭିନ୍ନ ପ୍ରତ୍ୟୟମାନଙ୍କୁ କୃତ୍ ପ୍ରତ୍ୟୟ କୁହାଯାଏ । ଏହି ପ୍ରତ୍ୟୟଗୁଡ଼ିକ ହେଲେ- ଶତୃ, ଶାନଚ୍, ଣ୍ୟତ୍, କ୍ତ, କ୍ତବତୁ, କ୍ତ୍ୱା ଇତ୍ୟାଦି ଏବଂ ଏତଦ୍ୱାରା ନିର୍ମିତ ପଦଗୁଡ଼ିକ ଧାତୁମୂଳକ ।

**୨୧ । ପଦ :** ବିଭକ୍ତି ଚିହ୍ନ ଲାଗିଥିବା ଶବ୍ଦ, ଧାତୁ ରୂପ ଏବଂ ଅବ୍ୟୟ ଗୁଡ଼ିକୁ ପଦ କହନ୍ତି ।

**୨୨ । ପ୍ରକୃତି :** ମୂଳ ପ୍ରାତିପଦିକ ବା ଧାତୁ ଯେଉଁଥିରେ ପ୍ରତ୍ୟୟ ଯୋଗକରି ପଦ ନିର୍ମାଣ କରାଯାଏ ସେଗୁଡ଼ିକୁ 'ପ୍ରକୃତି' କହନ୍ତି । ଯଥା :- 'ରାମଃ' ପଦରେ 'ରାମ' ଓ 'ପଠତି' ପଦରେ 'ପଠ୍' ।

**୨୩ । ପ୍ରତ୍ୟୟ :** ପ୍ରକୃତି ସହ ଯୁକ୍ତ ହୋଇ ଯେଉଁମାନେ ପଦ ନିର୍ମାଣରେ ସହାୟତା କରିଥାନ୍ତି ସେଗୁଡ଼ିକ ପ୍ରତ୍ୟୟ ପଦବାଚ୍ୟ । ଏଗୁଡ଼ିକ ସାଧାରଣତଃ ମୂଳ ପ୍ରକୃତିର ପରେ ଯୁକ୍ତ ହୋଇଥାନ୍ତି । ଏହି ପ୍ରତ୍ୟୟ ପାଞ୍ଚ ପ୍ରକାର । ଯଥା :- ବିଭକ୍ତି, କୃତ୍, ତଦ୍ଧିତ, ସ୍ତ୍ରୀ ପ୍ରତ୍ୟୟ ଓ ଧାତ୍ୱବୟବ ।

**୨୪ । ପ୍ରାତିପଦିକ :** ବିଭକ୍ତି ଚିହ୍ନ ଲାଗିନଥିବା ଯେକୌଣସି ଶବ୍ଦକୁ ପ୍ରାତିପଦିକ କହନ୍ତି । ପ୍ରତ୍ୟୟ, ପ୍ରତ୍ୟୟାନ୍ତ ଓ ଧାତୁଭିନ୍ନ ଅର୍ଥଯୁକ୍ତ ବସ୍ତୁବାଚକ ବା ବସ୍ତୁର ବିଶେଷଣ ବାଚକ ଶବ୍ଦ ସ୍ୱରୂପକୁ ପ୍ରାତିପଦିକ କୁହାଯାଏ । ଯଥା :- ଚନ୍ଦ୍ର, ଜଳ, ବାୟୁ, ଦୃଢ଼, ପ୍ରବଳ, ନୂତନ ଇତ୍ୟାଦି ।

**୨୫ । ସ୍ତ୍ରୀ ପ୍ରତ୍ୟୟ :** ସ୍ତ୍ରୀଲିଙ୍ଗାନ୍ତ ଶବ୍ଦ ନିର୍ମାଣ ପାଇଁ ଆ, ଇ ପ୍ରଭୃତି ଯେଉଁ ସମସ୍ତ ପ୍ରତ୍ୟୟ ଯୋଗ କରାଯାଏ ସେଗୁଡ଼ିକ ସ୍ତ୍ରୀ ପ୍ରତ୍ୟୟ । ଯଥା:- ଚଟକ + ଆ(ଟାପ୍) = ଚଟକା । ଦେବ + ଙୀପ୍(ଈ) ଦେବୀ ।

**୨୬ । ବୃଦ୍ଧି :** 'ଆ' 'ଐ', 'ଔ' କୁ ବୃଦ୍ଧି କୁହାଯାଏ । ସ୍ୱରର ବୃଦ୍ଧି ହୁଏ କହିଲେ ଅ ସ୍ଥାନରେ ଆ, ଇ-ଈ-ଏ ସ୍ଥାନରେ ଐ, ଉ-ଊ- ଓ ସ୍ଥାନରେ ଔ, ଋ-ୠ ସ୍ଥାନରେ ଆର୍ ଏବଂ ଌ ସ୍ଥାନରେ ଆଲ୍ ହେବା ବୁଝାଏ । ଯଥା :- ସତ୍ତ୍ୱ + ଇକ = ସାତ୍ତ୍ୱିକ, ନୀତି + ଇକ = ନୈତିକ । ବୁଦ୍ଧି + ଇକ = ବୌଦ୍ଧିକ ।

**୨୭ । ସବର୍ଣ୍ଣ :** ଯେଉଁ ସକଳ ବର୍ଣ୍ଣର ଉଚ୍ଚାରଣ ସ୍ଥାନ ସମାନ ଏବଂ ଯାହାଙ୍କର ଉଚ୍ଚାରଣରେ ସମାନ ପ୍ରଯତ୍ନର ପ୍ରୟୋଜନ; ସେମାନେ ପରସ୍ପର ସବର୍ଣ୍ଣ । ଯେପରି ଅ-ଆ, ଇ-ଈ, କ-ଖ-ଗ ଏମାନେ ପରସ୍ପର ସବର୍ଣ୍ଣ ।

**୨୮ । ଉପଧା :** ଅନ୍ତ୍ୟବର୍ଣ୍ଣର ପୂର୍ବ ବର୍ଣ୍ଣକୁ ଉପଧା କୁହାଯାଏ । ଯଥା :- ରାମ ଶବ୍ଦରେ ଅନ୍ତ୍ୟ 'ଅ'ର ପୂର୍ବବର୍ତ୍ତୀ 'ମ୍' ହେଉଛି ଉପଧା ।

**୨୯ । ସମ୍ପ୍ରସାରଣ :** ୟ, ବ୍, ର୍, ଲ୍ ସ୍ଥାନରେ ଯଥାକ୍ରମେ ଇ, ଉ, ଋ, ଌ ହେବାର ନାମ ସମ୍ପ୍ରସାରଣ । ଯଥା :- ବଚ୍ → ଉବାଚ, ଅଧି + ବସ୍ + କ୍ତ = ଅଧ୍ୟୁଷିତ